## ଗ୍ରାମୀଣ କୃଷି ମୌସମ ସେବା, କେନ୍ଦୁଝର
## ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

---

ସପ୍ତାହ -01 ତାରିଖ-02.01.2024

### ପାଣିପାଗ ଭିତ୍ତିକ କୃଷି ଉପଦେଶ – କେନ୍ଦୁଝର ଜିଲ୍ଲା ନିମନ୍ତେ

ଆସନ୍ତା ପାଞ୍ଚ ଦିନ ମଧ୍ୟରେ **ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।** ପବନ ର ବେଗ 5-6 କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା 24-26 ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା 12-14 ଡିଗ୍ରୀ ରହିବାର ସମ୍ଭାବନା ରହିଛି।

| | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| **KENDUJHARGARH** | 03-01-2024 | 0 | 26 | 12 | 0 | 62 | 33 | 6 | 68 |
| | 04-01-2024 | 0 | 26 | 13 | 0 | 63 | 34 | 5 | 191 |
| | 05-01-2024 | 0 | 24 | 14 | 1 | 77 | 30 | 5 | 202 |
| | 06-01-2024 | 3 | 24 | 14 | 4 | 76 | 34 | 6 | 169 |
| | 07-01-2024 | 4 | 25 | 13 | 4 | 74 | 35 | 5 | 197 |

**ସାଧାରଣ ପରାମର୍ଶ :**

IMD ପୂର୍ବାନୁମାନ ଅନୁଯାୟୀ, ଆଗାମୀ ଦିନରେ ପାଗ ଶୁଖିଲା ରହିବ ଏବଂ 6 ଓ 7 ତାରିକ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

- ଧାନ କାଟିଲା ପରେ ଖରାରେ ସୁଖେଇଦିଅନ୍ତୁ।
- ବିଲରେ ପଡିଥିବା ନଡାକୁ ଜଳାନ୍ତୁ ନାହିଂ।

- ନଡାକୁ ଜିଆଖତ ରେ ବ୍ୟବହାର କରନ୍ତୁ।

**ସୋରିଷ ଏବଂ ତୋରିଆ:**

- ଜଉପୋକ ର ଦମନ ପାଇଁ Methyl Demeton @ 0.02% ସିଂଚନ କରନ୍ତୁ।
- ସୋରିଷରେ ଧଳା ରଷ୍ଟ (White rust) କୁ ନିୟନ୍ତ୍ରଣ କରିବାକୁ ହେଲେ Metalaxyl + Mancozeb ( Ridomil MZ) @ 0.2% ମାତ୍ରା ରେ ସିଂଚନ କରନ୍ତୁ।

**ମୁଗ:**

- ସାହେବୀ ରୋଗ (Mungbean yellow mosaic virus) ଦେଖା ଗଲେ, ଗଛକୁ ଓପାଡି ଫିଙ୍ଗି ଦିଅନ୍ତୁ। ଏହି ରୋଗକୁ ବ୍ୟାପିବାରେ ଧଳା ମାଛି ର ଭୂମିକା ଅଧିକା।
- ଧଳା ମାଛି କୁ ନିୟନ୍ତ୍ରଣ କରିବା ପାଇଁ ଅସିଟାମିପ୍ରିଡ (Acetamiprid) 20 SP @ 250 gm/ha ଗଛରେ ସିଂଚନ କରନ୍ତୁ।
- ଜଉପୋକ ର ଦମନ ପାଇଁ Acetamiprid 20% SP @ 20gm/acre ପ୍ରୟୋଗ କରନ୍ତୁ।

**ଧାନ :**

- ଧାନ ଫସଲ ଅମଳ କରନ୍ତୁ ଏବଂ ସୂର୍ଯ୍ୟକିରଣ ଦ୍ୱାରା ଧାନର ଆର୍ଦ୍ରତା ହ୍ରାସ କରନ୍ତୁ |
- ଧାନ ରଖିବା ସ୍ଥାନ ରେ Aluminium phosphide @ 3 ଟାବ୍ଲେଟ୍ସ ପ୍ରତି ଟନ ରଖନ୍ତୁ।

**ପନିପରିବା :**

- **ବନ୍ଧାକୋବି:**
- କାଣ୍ଡବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Chloropyriphos @ 2 ml/lt ବ୍ୟବହାର କରନ୍ତୁ।
- ବନ୍ଧାକୋବିରେ ଜଉପୋକ ର ଦମନ ପାଇଁ Dimethoate 30% EC @ 6 ml/10 lt କିମ୍ବା Malathion 50% EC @ 1.5 ml/lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ଫୁଲକୋବି:**
- ଜଉପୋକ କୁ ନିୟନ୍ତ୍ରଣ ପାଇଁ ଏକର ପ୍ରତି 25 ଟି ଆଲୋକ ଜନ୍ତା ବସାନ୍ତୁ।
- ହାତରେ ସଂକ୍ରମିତ ପତ୍ରକୁ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ।
- ଦେହଳୀ ସୀମା ପାର ହୋଇଗଲେ ଏକର ପ୍ରତି Thiomethoxam 25% WG @ 80g କିମ୍ବା

  Acetamiprid 20% SP @ 30g, 200 lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ଲଙ୍କା:**
- ପତ୍ରମୋଡା ରୋଗ ର ନିୟନ୍ତ୍ରଣ ପାଇଁ Imidachloprid 17.8% SL @ 3 ml/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।

**ଫଳ:**

- **କଦଳୀ :**
- କଦଳୀରେ ସିଗାତୋକା ପତ୍ର ଦାଗ ଦେଖା ଦେଲେ, ଦାଗ ଲାଗିଥିବା ପତ୍ର ଗୁଡିକ ନଷ୍ଟ କରିଦିଅନ୍ତୁ ଏବଂ Carbendazim କିମ୍ବା Propiconazole @ 0.1 % ଗଛରେ ସିଂଚନ କରନ୍ତୁ।

- **ଅମୃତଭଣ୍ଡା:**
- ଅମୃତଭଣ୍ଡା ରେ ଧଳା ମାଛି ର ଦମନ ପାଇଁ NSKE 5% ସିଂଚନ କରନ୍ତୁ।

**ଫୁଲ:**

- **ଗେଣ୍ଡୁ:**
- ଘାସ ବାଛି ଗଛ ମୂଳ କୁ ସଫା ରଖନ୍ତୁ।
- 30 ଦିନ ପରେ ଗଛର ଅଗକୁ ଛିଣ୍ଡାଇ ଦିଅନ୍ତୁ। ଏହା ଦ୍ଵାରା ଗଛରେ ଶାଖା ଅଧିକା ଆସିବ।
- ମିଳି ବଗ ର ଦମନ ପାଇଁ Profenophos କିମ୍ବା Dimethoate @ 2 ml/lt ସିଂଚନ କରନ୍ତୁ।

- **ଗୋଲାପ:**
- ଗୋଲାପ ରେ ମିଳି ବଗ ର ନିୟନ୍ତ୍ରଣ ପାଇଁ Parathion @ 2 ml/lt ସିଂଚନ କରନ୍ତୁ।
- ଜଉ ପୋକ ଏବଂ ପତ୍ର ମୋଡା ପୋକ ର ଦମନ ପାଇଁ Methyl demeton 25 EC @ 2 ml/lt କିମ୍ବା Carbofuran 3G @ 5 g ପ୍ରତି ଗଛ ବ୍ୟବହାର କରନ୍ତୁ।

**ପଶୁ ପାଳନ:**

- **କୁକୁଡା ପାଳନ:**
- କୁକୁଡା ଚିଆଁ କୁ ଟୀକାକରଣ ନ କରେଇଥିଲେ, କରେଇଦିଅନ୍ତୁ।

- ଶୀତଳହରି ରୁ ରକ୍ଷା ପାଇଁ କୁକୁଡା ଘରକୁ ଚାରି ପଟରୁ ଘୋରେଇ ରଖନ୍ତୁ।
- **ଗାଈ ପାଳନ:**
- ଗୁହାଳ ଘର କୁ ସଫା ରଖନ୍ତୁ।
- ପିବା ପାଇଁ ସ୍ବଚ୍ଛ ଜଳ ଦିଅନ୍ତୁ।
- ଥଣ୍ଡା ପବନରୁ ରକ୍ଷା ପାଇଁ ଗୁହାଳ ଘରକୁ ଉଷୁମ ରଖିବା ବ୍ୟବସ୍ଥା କରନ୍ତୁ।

**TECHNICAL OFFICER**

---

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**